ସକାଳ THE SAKALA



www.sakalaepaper.com

# ୧୧୯ ବୁଥ୍‌ରେ ମତଦାନ କଲେ ୭୩ ହଜାର ମତଦାତା

**ଡେଲାଙ୍ଗ,୨୫।୫(ସମିସ):** ସାଧାରଣ ନିର୍ବାଚନର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଡେଲାଙ୍ଗ ବ୍ଲକରେ ସମାପ୍ତ ହୋଇଛି। ବ୍ଲକର ୧୧୯ ମତଦାନ କେନ୍ଦ୍ରରେ ୭୩ ହଜାରରୁ ଊର୍ଦ୍ଧ୍ୱ ମତଦାତା ନିଜନିଜର ପ୍ରିୟ ନେତାଙ୍କୁ ଚୟନ କରି ମତସାବ୍ୟସ୍ତ କରିଥିଲେ। ୧୧୯ଟି ମତଦାନ କେନ୍ଦ୍ର ମଧ୍ୟରେ ୨୦ଟି ଆଦର୍ଶ ମତଦାନ କେନ୍ଦ୍ର ରହିଥିବା ବେଳେ ଏଥି ମଧ୍ୟରୁ ୧୮ଟି ସଖୀ, ୧ଟି ଭିନ୍ନକ୍ଷମ, ୧ଟି ଯୁବବର୍ଗ ଓ ବେରବୋଇ ଠାରେ ଗ୍ରାମାଞ୍ଚଳ ସଂସ୍କୃତି ଓ ପରିବେଶ ଭିତ୍ତିକ ମତଦାନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ବୁଥ ନିମନ୍ତେ ୧କମ୍ପାନୀ ତଥା ୯୦ ପ୍ଲାଟୁନ ସିଆଇଏସ୍‌ଏଫ ଯବାନ ମୁତୟନ କରାଯାଇଥିବା ବେଳେ ଡେଲାଙ୍ଗ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭିନ୍ନକ୍ଷମ ମତଦାତାଙ୍କ ଲାଗି ରେଞ୍ଚ ଠାରେ ଓ ଡେଲାଙ୍ଗ କୋଠବାଡ ଠାରେ ଯୁବବର୍ଗଙ୍କ ଲାଗି ସ୍ୱତନ୍ତ୍ର ମତଦାନ କେନ୍ଦ୍ର କରାଯାଇଥିଲା।

ଅନ୍ୟପଟେ ମୁକ୍ତାମଣି ନୋଡାଲ ଉ.ପ୍ରା ବିଦ୍ୟାଳୟର ୧୧୩ନଂ, ନୁଆଗାଁ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟର ୧୧୫ନଂ, ଅରିସାଲର ୧୧୭ନଂ, ଉଦୟପୁର ଉ.ପ୍ରା ବିଦ୍ୟାଳୟର ୯୬ନଂ ବୁଥରେ ଇଭିଏମ୍ ମେସିନର ଯାନ୍ତ୍ରିକ ତ୍ରୁଟି ନିମନ୍ତେ ମତଦାନ ଦେଢ ଘଣ୍ଟାରୁ ୨ଘଣ୍ଟା ବିଳମ୍ବ ହୋଇଥିବା ବେଳେ କୋଠବାଡ ପଞ୍ଚାୟତର ୬୯ନଂ ଓ ବେରବୋଇର ୯୭ନଂ ବୁଥରେ ମତଦାନ ସାମାନ୍ୟ ବିଳମ୍ବ ଘଟିଥିବା ଜଣାପଡିଛି। ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ବାହିନୀ ସଦଳବଳେ ଶାନ୍ତିଶୃଙ୍ଖଳାର ସହିତ ମତଦାନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଗଡମୋଟରୀ ପଞ୍ଚାୟତର ୩୩ନଂ ବୁଥରେ ଇଭିଏମ୍ ମେସିନ ଖରାପ ହେବାରୁ ଦିନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ମତଦାନରେ ବାଧା ସୃଷ୍ଟି ହୋଇଥିଲା। ପରେ ଭୁବନେଶ୍ୱରରୁ ମେସିନ ଆସି ମତଦାନ କରାଯାଇଥିବା ଜଣାପଡିଛି।

## ସେକ୍ଟର ଅଫିସରଙ୍କ ଅକାଳ ବିୟୋଗ

**ଡେଲାଙ୍ଗ,୨୫।୫(ସମିସ):** ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତର କାର୍ଯ୍ୟରତ ସେକ୍ଟେର ଅଫିସର ଅମରେନ୍ଦ୍ର ପ୍ରଧାନଙ୍କ ଶନିବାର ହୃଦଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ବେରବୋଇ ଗ୍ରାମରେ ହୋଇଥିବା ବେଳେ ସେ ଧାନକେରାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ତାଙ୍କୁ ସେକ୍ଟର ଅଫିସର ଭାବେ ମନୋନୀତ କରାଯାଇଥିଲା। ସୂଚନା ମୁତାବକ ସେ ଧାନକେରା ପଞ୍ଚାୟତର ସମସ୍ତ ମତଦାନ କେନ୍ଦ୍ର ଗୁଡିକର ପର୍ଯ୍ୟବେକ୍ଷଣ କରି ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ହଠାତ୍ ରାତିରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଡେଲାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ବିନୋଦ କୁମାର ପାରମାଣିକ, ଶିକ୍ଷକ ଛାଟୋଇ ମୋତିଲାଲ୍ ରାୟ, ରାଜକିଶୋର ପରିଡା, ସୂର୍ଯ୍ୟ ନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ବିଜେଡି ପ୍ରାର୍ଥୀ ଦିଲ୍ଲୀପଙ୍କ ମାରାଥନ ପ୍ରଚାର



**ଗୋପ,୨୫।୫(ସମିସ):** ଗୋପ-ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ଗୋପ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ଦିଲ୍ଲୀପ ନାୟକ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି।ଗତ ୨୩ ତାରିଖ ଦିନ ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକଙ୍କ ସପକ୍ଷରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ପ୍ରଚାର କରିଥିବା ବେଳେ ତାଙ୍କର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଶନିବାର ଗୋପ ପଞ୍ଚାୟତ ସମେତ ଗଣେଶ୍ୱରପୁର ପଞ୍ଚାୟତରେ ପ୍ରଚାର କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳ କର୍ମୀଙ୍କ ପକ୍ଷରୁ ବିପୁଳ ଜନ ସମର୍ଥନ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଘରକୁ ଘର ବୁଲି ପ୍ରଚାର କରିବା ସହ ରୋଡ଼ ଶୋ' ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି।

## ଚାରିଛକରେ ଦିଲ୍ଲୀପଙ୍କ ପ୍ରଚାର

**ନୟାହାଟ,୨୫।୫(ସମିସ):** ଆସନ୍ତା ଜୁନ ୧ ତାରିଖରେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଚାରିଛକ ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ ଜୋରଦାର ପ୍ରଚାର କରିଛନ୍ତି। ତାଙ୍କୁ ସବୁଠି ଭବ୍ୟ ସ୍ୱାଗତ କରାଯାଇଥିବା ବେଳେ ବିପୁଳ ଜନସମର୍ଥନ ମିଳୁଛି। ନବୀନ ସରକାରଙ୍କ ବିକାଶଧାରାକୁ ଅବ୍ୟାହତ ରଖିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ଦଳୀୟ କର୍ମୀ ଓ ଜନସାଧାରଣ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## କୁଣ୍ଢେଇ ପଞ୍ଚାୟତରେ ତୁଷାରକାନ୍ତିଙ୍କ ଜୋର୍‌ଦାର୍ ପ୍ରଚାର

**କୁଣ୍ଢେଇ, ୨୫।୫ (ସମିସ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା କୁଣ୍ଢେଇ ପଞ୍ଚାୟତର ୨୫ନଂ ୱାର୍ଡରେ ଘରକୁ ଘର ବୁଲି ଜୋରଦାର ପ୍ରଚାର କରିଛନ୍ତି। ଆଜି ଶ୍ରୀ ବେହେରା କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ୯ଟି ୱାର୍ଡ, ପାଟପୁର ଗ୍ରାମର ୯ଟି ୱାର୍ଡ ସହିତ କୁଣ୍ଢେଇ, ମଲାଙ୍ଗୁଆ, ଅଁଳାପାଟଣା ଗ୍ରାମରେ ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ଭୋଟରମାନଙ୍କୁ ଅବଗତ କରାଇବା ସହିତ ଆସନ୍ତା ନିର୍ବାଚନରେ ଜଗତସିଂହପୁର ସାଂସଦ ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ ଓ କାକଟପୁର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ପ୍ରଚାର କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ପୂର୍ବତନ କୁଣ୍ଢେଇ ସରପଞ୍ଚ ଶୁଭଜିତ ମଲ୍ଲଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ସାମ୍ବାଦିକ ସଂଗ୍ରାମଙ୍କୁ ଶ୍ରଦ୍ଧାଞ୍ଜଳି




**କୋଣାର୍କ,୨୫।୫(ସମିସ):** କରୋନା ଯୋଦ୍ଧା ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ରଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ମଠ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ମହାପାତ୍ର ସ୍ମୃତି ସମିତି ପକ୍ଷରୁ ଆୟୋଜିତ ସଭାରେ କୋଣାର୍କର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଦିବଙ୍ଗତ ସଂଗ୍ରାମଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରିଥିଲେ। ମଠ ପରିସରରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହେବା ସହିତ ମହାପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଆୟୋଜିତ ସଭାରେ କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ସାମ୍ବାଦିକ ସଞ୍ଜୟ ପତି, ଧନଞ୍ଜୟ ବେହେରା, ରାମକୃଷ୍ଣ ମହାନ୍ତି, ମାନସରଞ୍ଜନ ପାତ୍ର, ଜ୍ୟୋତିରାଜ ମହାନ୍ତି, ଭାଗିରଥୀ ସ୍ୱାଇଁ, ମନୋରଞ୍ଜନ ପଣ୍ଡା, ଅବନୀଭୂଷଣ ବାରିକ, ଅଜିତ କୁମାର ମଲ୍ଲିକ, ତାରକେଶ୍ୱର ବରାଳ, ଅଭୟ କୁମାର ନାୟକ, ସୁକାନ୍ତ ବିଶ୍ୱାଳ, ସନ୍ତୋଷ କୁମାର ଗୋଛାୟତ, ବିଚିତ୍ରାନନ୍ଦ ଓଝାଙ୍କ ସମେତ ଅନ୍ୟମାନେ କରୋନା ଯୋଦ୍ଧା ସାମ୍ବାଦିକ ସଂଗ୍ରାମଙ୍କର ସ୍ମୃତିଚାରଣ କରିଥିଲେ।

## କଂଗ୍ରେସ ପ୍ରାର୍ଥୀଙ୍କ ସାମ୍ବାଦିକ ସମ୍ମିଳନୀ



**ନିମାପଡା,୨୫।୫ (ସମିସ)** ନିମାପଡାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ବିଧାୟକ ପ୍ରାର୍ଠଥ ସିଦ୍ଧାର୍ଥ ରାଉତରାୟ ସାମ୍ବାଦିକ ସମ୍ମିଳନୀ ବିରୋଧି ପ୍ରାର୍ଥୀଙ୍କୁ ଟାର୍ଗେଟ କରି ସେମାନଙ୍କ ନାମରେ ଅନେକ ମାମଲା ଥିବା ଅଭିଯୋଗ ଆଣିଛନ୍ତି। ମାମଲା ରହିଥିବା ବ୍ୟକ୍ତି ବିଶେଷ ରାଜନିତୀରେ ଅଂଶ ଗ୍ରହଣ କରିପାରିବେ ନାହିଁ ବୋଲି ନିୟମ ଥିବା ବେଳେ ବିଭିନ୍ନ ମାମଲାରେ ଛନ୍ଦି ହୋଇ ରହିଥିବା ପ୍ରାର୍ଥୀଙ୍କୁ ଦଳ କିଭଳି ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଛି ସେନେଇ ଶ୍ରୀ ରାଉତରାୟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ କଂଗ୍ରେସ ଦଳ କ୍ଷମତାକୁ ଆସିଲେ ପ୍ରତ୍ୟେକ ପରିବାରକୁ ୧୦କେ.ଜି ମାଗଣାରେ ଚାଉଳ ଦିଆଯିବ ବୋଲି କେନ୍ଦ୍ର ନେତା ରାହୁଲ ଗାନ୍ଧୀ କହିଛନ୍ତି। ନିମାପଡାରେ ଅନେକ ସମସ୍ୟା ଲାଗିରହିଛି। ଏଠାରେ କଂଗ୍ରେସ ପ୍ରାର୍ଠଥ ବିଜୟୀ ହେଲେ ଲାଗିରହିଥିବା ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ହେବ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି।

### ସତ୍ୟବାଦୀରେ ୬୮% ମତଦାନ

# ଇଭିଏମ୍ ଅଚଳକୁ ନେଇ ଅସନ୍ତୋଷ



**ସାକ୍ଷୀଗୋପାଳ,୨୫।୫ (ସମିସ)** ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସତ୍ୟବାଦୀ ବ୍ଲକରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ପ୍ରାୟତ ଶାନ୍ତିଶୃଙ୍ଖଳା ସହିତ ମତଦାନ ଶେଷ ହୋଇଛି। ସକାଳୁ ସକାଳୁ ବିଭିନ୍ନ ବୁଥରେ ଲୋକମାନଙ୍କର ଗହଳି ପରିଲକ୍ଷିତ ହୋଇଥିଲା ।ସକାଳ ୭ଟା ନ ବାଜିବା ଆଗରୁ ବୁଥ ଆଗରେ ଲମ୍ବା ଧାଡିରେ ଠିଆ ହୋଇଥିବାର ଦେଖାଯାଇଥିଲା । ବିଶେଷ କରି ଯୁବ ପୀଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ସତ୍ୟବାଦୀ ବ୍ଲକରେ ୨୫ଟି ସଖୀ ବୁଥ୍ କରାଯାଇଥିଲା । ସେଠାରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବେଲୁନରେ ଗେଟ କରାଯିବା ସହ ସେଲ୍‌ଫି ପଏଣ୍ଟ ଣ୍ଟ କରାଯାଇଥିଲା। ବୁଥ୍ ଗୁଡିକରେ ଭୋଟରଙ୍କୁ ସହଯୋଗ କରିବା ପାଇଁ ବିଏଲଓ, ସ୍କାଉଟ ପିଲାମାନେ ରହିବା ସହ ଭୋଟରଙ୍କୁ ସେମାନଙ୍କ କ୍ରମିକ ସଂଖ୍ୟା ଓ ପାନୀୟ ଜଳ ଯୋଗାଣରେ ସହଯୋଗ କରିଥିଲେ । ମାତ୍ର କେତକ ଯାଗାରେ ଇଭିଏମ ମେସିନ ଅଚଳ ହେବାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ପ୍ରଶାସନିକ ଅଧିକାରୀ ମାନେ ତୁରନ୍ତ ସେଠାରେ ପହଞ୍ଚି ମେସିନ ସଜାଡିବା ସହ ମତଦାନ ଚାଲିଥିଲା । ସତ୍ୟବାଦୀର ବିଭିନ୍ନ ବୁଥକୁ ନିର୍ବାଚନ ଅବଜର ଶ୍ରୀ ସିଂହ ଓ ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପିସା ରାୟ, ଅତିରିକ୍ତ ତହସିଲଦାରଙ୍କ ସହିତ ସେକ୍ଟର ଅଫିସରଙ୍କ ସହିତ ପୁଲିସ ଟିମ୍ ବିଭିନ୍ନ ବୁଥ୍ ବୁଲିବା ସହ ଭୋଟରଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିବାର ଜଣାପଡିଛି।

## ଜୋତା କାରିଗର ବିଧାୟକ ପ୍ରାର୍ଥୀ



**କୁଣ୍ଢେଇ,୨୫।୫ (ସମିସ)।** କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳର ହେଭିୱେଟ ପ୍ରାର୍ଥୀ ରହିଥିବା ବେଳେ ସେହିଭଳି ଜଣେ ପ୍ରାର୍ଥୀ ହେଉଛନ୍ତି କାକଟପୁର ବଜାରର ଜଣେ ଯୋତା କାରିଗର ବିଧାୟକ ପ୍ରାର୍ଥୀ ଭାବେ ଛିଡ଼ାହୋଇ ହୋଇଛନ୍ତି କାର୍ତ୍ତିକ ରାଓ। କାର୍ତ୍ତିକ କାକଟପୁର ଅସ୍ତରଙ୍ଗ ମୁଖ୍ୟ ରାସ୍ତା କାକଟପୁର ବଜାର ରାସ୍ତା କଡ଼ରେ ଯୋତା ମରାମତି କରି ପରିବାର ପ୍ରତିପୋଷଣ କରନ୍ତି। ପେଷାରେ ସେ ଜଣେ ଯୋତା କାରିଗର ନିଶା ତାଙ୍କର ପ୍ରାର୍ଥୀ ହୋଇ ଜିତିଥିଲେ ଲୋକ ସେବା କରିପାରିବେ। ସେଥିପାଇଁ ପ୍ରତ୍ୟେକ ନିର୍ବାଚନ ଆସିଲେ ସେ ପ୍ରାର୍ଥୀ ହୁଅନ୍ତି। ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ସାଥିରେ ସମର୍ଥକଙ୍କ ଭିଡ଼ ନାହିଁ। ତଥାପି ନିର୍ବାଚନ ଲଢିବାର ଇଚ୍ଛା ତାଙ୍କ ମନରେ ଭରିରହିଛି। ପରିବାର ଚଳାଇବା ପାଇଁ ସକାଳ ୯ ଟାରୁ ୧୨ ଟା ଯୋତା ପଲିସି କରି ସାରିବା ପରେ କାର୍ତ୍ତିକ ସାଙ୍ଗରେ ଦଶ ପନ୍ଦର ଜଣ ସମର୍ଥକଙ୍କୁ ଧରି ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ମୋର ଉଦ୍ଦେଶ୍ୟ ଲୋକଙ୍କ ସେବା କରିବା ବୋଲି କହିଛନ୍ତି କାର୍ତ୍ତିକ।

## ଏନ୍‌ଏସି ୧ ଓ ୨ ନମ୍ବର ୱାର୍ଡରେ ମହିଳା ସମାବେଶ



**ନିମାପଡା,୨୫।୫(ସମିସ):** ନିମାପଡା ଏନ୍‌ଏସି ଅନ୍ତର୍ଗତ ପାଟପୁର ୧ ନମ୍ବର ଓ ୨ ନମ୍ବର ୱାର୍ଡରେ ବିଜୁ ଜନତା ଦଳ ମହିଳା କର୍ମୀମାନଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ଲତିକା ପ୍ରଧାନ,ବିଧାୟିକା ମଞ୍ଜୁଳା ସ୍ୱାଇଁ,କଳାହାଣ୍ଡି ନାରୀନେତ୍ରୀ ତିଲୋତ୍ତମା ନାୟକ,ନିମାପଡା ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ,ନାରୀନେତ୍ରୀ ଜୟଶ୍ରୀ ପାତ୍ର,ରଂଜନା ମିଶ୍ର,କବିତା ମିଶ୍ର,ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ବାବୁ ରାଜ୍ୟର ମାଆମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଯାହା ଫଳରେ ରାଜ୍ୟର ମହିଳାମାନେ ଆଜି ସ୍ୱାବଲମ୍ବି ହୋଇପାରିଛନ୍ତି । ନବୀନ ବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବା ସହ ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ନିମାପଡା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ବୈଠକରେ ଶତାଧିକ ମହିଳା କର୍ମକର୍ତ୍ତା ଶପଥ ନେଇଛନ୍ତି । ସମାବେଶରେ ଏନ୍‌ଏସିର ହଜାର ହଜାର ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଣାସରେ ଶାନ୍ତିଶୃଙ୍ଖଳା ସହିତ ମତଦାନ



**କଣାସ,୨୫।୫(ସମିସ):** କଣାସ ବ୍ଲକର ୨୮ ପଞ୍ଚାୟତରେ ୧୪୨ଟି ଭୋଟ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇଛି। ଅନେକ କେନ୍ଦ୍ରରେ ଇଭିଏମ୍ ତ୍ରୁଟି ଯୋଗୁଁ କିଛି ସମୟ ପାଇଁ ଭୋଟ ଗ୍ରହଣ ବନ୍ଦ ରହିଥିଲା। ତ୍ରିଲୋଚନପୁର ଅନନ୍ତେଶ୍ୱର ,ସିରେଇ,କରମଳା,ଆଳିବାଡ ଏବଂ ଆଉ କେତେକ ବୁଥୁରେ ଇଭିଏମ୍ ମେସିନ ତ୍ରୁଟି ଯୋଗୁଁ ଭୋଟ ଗ୍ରହଣ ବିଳମ୍ବ ହୋଇଥିଲା। କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାରାୟ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରୀପାଠି, ଗଡିଶାଗୋଦା ଆଇଆଇସି ଦୁର୍ଗାଚରଣ ମହାପାତ୍ର ପୁଲିସ ଫେର୍ସ ସହିତ ଘନ ଘନ ଭୋଟ କେନ୍ଦ୍ର ଗୁଡିକ ପରିଦର୍ଶନ କରିବା ସହିତ ଭୋଟରଙ୍କୁ ଶାନ୍ତି ଶୃଙ୍ଖଳା ରେ ଭୋଟଦେବା ପାଇଁ ନିବେଦନ କରିଥିଲେ।

## ୩ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଦେଲେ ଭୋଟ



କଣାସ ବ୍ଲକ ଅର୍ନ୍ତଗତ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱାଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ରହୁଥିବା ଦିବ୍ୟାଙ୍ଗଙ୍କ ମଧ୍ୟରୁ ୩ଶହରୁ ଉଦ୍ଧ୍ୱର୍ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଏବଂ ବିଡିଓ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଟି ଗାଡିରେ ୩ଶହରୁ ଉର୍ଦ୍ଧ ଦିବ୍ୟାଙ୍ଗଙ୍କୁ ପ୍ରତିଷ୍ଠାନ ପରିସରରୁ ଦୀର୍ଘ ୧କିମି ଆଣି ବେଣାଗାଁ କେନ୍ଦ୍ରରେ ଭୋଟ ପ୍ରଦାନ କରାଇବା ପରେ ସେମାନଙ୍କୁ ପୁନଶ୍ଚ ସୁରକ୍ଷାର ସହିତ ଅନୁଷ୍ଠାନ ପରିସରରେ ଛାଡିଥିଲେ।

# ପତ୍ନୀଙ୍କ ମୁଣ୍ଡକୁ ଛେଚି ହତ୍ୟା; ସ୍ୱାମୀ ଗିରଫ

**ନୟାହାଟ,୨୫।୫(ସମିସ):** ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ଶୋଇଥିବା ଅବସ୍ଥାରେ ଏକ ମୋଟା ଲୁହା ଖଣ୍ଡରେ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଛି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ। ମୃତ ମହିଳା ଜଣକ ହେଲେ କଳ୍ପନା ସାହୁ।

ସୂଚନା ଅନୁଯାୟୀ, ଗତ ୨୦୦୧୬ରେ ଦୁର୍ଗାପୁର ଗ୍ରାମର ଦେବରାଜ ସାହୁ ନିକଟସ୍ଥ ପାଇକସାହି ଗ୍ରାମର ରମେଶ ଲେଙ୍କାଙ୍କ ଝିଆରୀ କଳ୍ପନା ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସ୍ୱାମୀ, ଶାଶୂ, ଭାଉଜ, ଦେଢଶୁର, ମିଶି କଳ୍ପନାଙ୍କୁ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡିରେ କଳ୍ପନା ଅଭିଯୋଗ କରିବା ପରେ ପୁଲିସ ମାଧ୍ୟମରେ ଆପସ ସମାଧାନ ହୋଇଥିଲା। ଦେବରାଜ ସାହୁ ନିଆଳି ବଜାରରେ ଏକ ମିଠା ଦୋକାନରେ କାମ କରିବା ସହ ସେଠାରେ ରହୁଥିଲେ। ୨ଦିନ ତଳେ ଦେବରାଜ ସାହୁ ନିଜ ଗ୍ରାମ ଦୁର୍ଗାପୁରକୁ ଆସିଥିଲେ। ଶୁକ୍ରବାର ରାତିରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ପାଟିତୁଣ୍ଡ ହୋଇଥିଲା। କଳ୍ପନା ଘରର ଛାତ ଉପରେ ନିଦରେ ଶୋଇଥିବାବେଳେ ଦେବରାଜ ଏକ ମୋଟା ଲୁହା ଖଣ୍ଡରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଖବର ପାଇ ଶନିବାର ସକାଳୁ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦେବରାଜକୁ ଗିରଫ କରିଥିଲେ। ଏନେଇ କେସ ନମ୍ବର ୧୬୮/୨୪ ଦଫା ୩୦୨,୪୯୮(କ), ୩୪ରେ ଚାରି ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ବେଳେ ଦେବରାଜକୁ କୋର୍ଟ ଚାଲାଣ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ହେଟା ବାଘ ମୃତ



**ନିମାପଡା,୨୫।୫(ସମିସ)** ନିମାପଡା-କାକଟପୁର ମୁଖ୍ୟ ରାସ୍ତାର ଚାରିଛକ ନିକଟ କନ୍ତିଆ ଛକ ଠାରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ହେଟା ବାଘର ମୃତ୍ୟୁ ଘଟିଛି। ହେଟା ବାଘଟି ରାସ୍ତା ପାର ହେଉଥିବା ବେଳେ ତା ଉପରେ ଗାଡ଼ି ଚଢିଯାଇଥିବା ଜଣାପଡିଛି। ରାସ୍ତାରେ ହେଟା ବାଘ ମରି ପଡିଥିବା ଦେଖି ଗୋପ ବନ ବିଭାଗକୁ ଖବର ଦେଇଥିଲେ ।ଖବର ପାଇ ଗୋପ ବନ ବିଭାଗ ମୃତ ହେଟା ବାଘକୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ପଠାଇଛି। ଜଙ୍ଗଲର ଅବକ୍ଷୟ ଯୋଗୁଁ ଜୀବଜନ୍ତୁମାନେ ପଦାରେ ଏଣେତେଣେ ବୁଲୁଛନ୍ତି। ଯାହା ଫଳରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଜୀବଜନ୍ତୁଙ୍କ ପ୍ରାଣହାନି ଘଟୁଛି।

୨୫/୫/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୦,୫୮୧/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୨୨.୪୦୦ ଗ୍ରାମ୍





# ସରିଲା ମତଦାନ; ଷ୍ଟ୍ରଙ୍ଗରୁମ୍ ଉପରେ ନଜର










**ପୁରୀ, ୨୫।୫(ସମିସ):** ଶେଷ ହୋଇଛି ରାଜ୍ୟର ତୃତୀୟ ଏବଂ ପୁରୀ ଜିଲ୍ଲାର ପର୍ଯ୍ୟାୟ ମତଦାନ। ଇଭିଏମ୍‌ରେ ସିଲ୍ ହେଲା ୫୦ ପ୍ରାର୍ଥୀଙ୍କ ଭାଗ୍ୟ। ପୁରୀ ଲୋକସଭାର ୭ ଏବଂ ୪ ବିଧାନସଭା ନିର୍ବାଚନମଣ୍ଡଳୀ (ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି)ର ୪୩ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଏବେ ଷ୍ଟ୍ରଙ୍ଗରୁମ୍‌ରେ ତାଲା ପଡ଼ିଛି। ଜୁନ୍ ୪ରେ ଫିଟିବ ତାଲା, ଗଣତି ହେବ ଭୋଟ। କାହା ସପକ୍ଷରେ ଯାଇଛି ଜନମତ, କାହା ହାତରେ ୫ ବର୍ଷ ରହିବ ରାଜନୈତିକ କ୍ଷମତା ତାହା ସ୍ପଷ୍ଟ ହୋଇଯିବ। ଅନ୍ୟପକ୍ଷରେ ବିଭିନ୍ନ ବୁଥ୍‌ରେ ଇଭିଏମ୍ ଏବଂ ଭିଭିପ୍ୟାଟ୍‌ରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ହୋଇଥିବା ଜଣାପଡ଼ିଛି। କିଛି ବୁଥ୍‌ରେ ଇଭିଏମ୍ ତ୍ରୁଟିକୁ ନେଇ କାଁ ଭାଁ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଗଡ଼ରୋଡଙ୍ଗର ୧୨୭ ନମ୍ବର ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ବିଜେପି ପ୍ରାର୍ଥୀ ଉପାସନା ମହାପାତ୍ର ଭୋଟରଙ୍କୁ ଉସୁକାଇବା ନେଇ ଶୁଣିବାକୁ ମିଳିଥିଲେ ହେଁ ଗଣମାଧ୍ୟମ ଆଗରେ ଏହାକୁ ଖଣ୍ଡନ କରିଥିଲେ ଉପାସନା।

## ଇଭିଏମ୍‌ରେ ତ୍ରୁଟି, କିଛି ବୁଥ୍‌ରେ ମତଦାନ ବିଳମ୍ବ

## କାଁ ଭାଁ ମତଦାନ କେନ୍ଦ୍ରର ଉତ୍ତେଜନା

ପୁରୀ ଲୋକସଭା ଅଧୀନ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ (ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି)ରେ ଗୋଟିଏ ଦୁଇଟି ବୁଥ୍‌ରେ ହିଂସାକାଣ୍ଡକୁ ଛାଡିଦେଲେ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି ଗଣତନ୍ତ୍ରର ଏହି ମହାନ ପର୍ବ। ୫୦ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ପାଇଁ ମତଦାନ କରିଛନ୍ତି ଭୋଟର। ଶନିବାର ସକାଳୁ ପ୍ରତ୍ୟେକ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ତେବେ କେତେକ ସ୍ଥାନରେ ଭୋଟ ଆରମ୍ଭରୁ ଇଭିଏମ୍‌ରେ ତ୍ରୁଟି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଡୁଆରେ ପକାଇଥିଲା। ଫଳରେ କିଛି କେନ୍ଦ୍ରରେ ମତଦାନ ବିଳମ୍ବ ହୋଇଥିଲା। ତେବେ ଏହି ଯାନ୍ତ୍ରିକ ତ୍ରୁଟି ପାଇଁ କେଉଁଠି ଅଧଘଣ୍ଟାଏ ତ ପୁଣି କେଉଁଠି ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିଲା ମତଦାନ। ଏଥିପାଇଁ କେତେକ ବୁଥ୍‌ରେ ଭୋଟର ଛିଡା ହୋଇରହିଥିବା ଦେଖିବାକୁ ମିଳିଥିଲା।

ପୁରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେକ ବୁଥ୍‌ରେ ଆରମ୍ଭରୁ ଇଭିଏମ୍ ଅଚଳ ହୋଇପଡ଼ିଥିଲା। ଫଳରେ ଭୋଟରମାନେ ଦୀର୍ଘ ସମୟ ଧରି ଛିଡା ହୋଇଥିଲେ। ପୁଲିଂ ଅଧିକାରୀ ଏବଂ ପ୍ରିଜାଇଡିଂ ଅଫିସର କେଉଁଠି ସଜାଡି ଦେଇଥିଲେ ତ ଆଉ କେଉଁଠି ଇଭିଏମ୍‌କୁ ବଦଳାଇବାକୁ ପଡ଼ିଥିଲା। ଏଥିପାଇଁ କିଛି ବୁଥ୍‌ରେ ଅଧଘଣ୍ଟା ତ ପୁଣି କେଉଁଠି ଘଣ୍ଟାଏ ବିଳମ୍ବ ହୋଇଥିଲା। ଏହାପରେ ମତଦାନ ସ୍ୱାଭାବିକ ରହିଥିଲା। ତେବେ ଇଭିଏମ୍ ମେଶିନରେ ତ୍ରୁଟି ଯୋଗୁ ବିଳମ୍ବ ହେବାରୁ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଗଡ଼ରୋଡ଼ଙ୍ଗ ୧୨୭ ନମ୍ବର ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଜେପି ପ୍ରାର୍ଥୀ ଉପାସନା ଭୋଟରଙ୍କୁ ଉସୁକାଇ ବିଶୃଙ୍ଖଳା କରୁଥିବା କିଛି ଭୋଟର କହୁଥିବା ବେଳେ ଏହାକୁ କିନ୍ତୁ ସେ ଖଣ୍ଡନ କରିଥିଲେ। ବରଂ ତାଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରାଯାଇଥିବା କହିଥିଲେ ଉପାସନା। ତେବେ ଏଠାରେ ମତଦାନ ସ୍ୱାଭାବିକ ହେବା ପରେ ରାତି ୮ଟା ପର ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ସେହିପରି ପୁରୀର ୧୦୮ ନମ୍ବର ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଥ୍ ବାହାରେ ଗଣ୍ଡଗୋଳ ହେବାରୁ ୨ ଜଣ ଆହତ ହୋଇଥିବା ମଧ୍ୟ ସୂଚନା ରହିଛି। ତେବେ କିଛି ବୁଥ୍‌ରେ ଭୋଟରଙ୍କୁ ପ୍ରଭାବିତ କରାଯାଉଥିବା ନେଇ ମଧ୍ୟ ଶୁଣିବାକୁ ମିଳିଥିଲା।

ସେହିପରି ଜିଲ୍ଲାର ସତ୍ୟବାଦୀ ଏବଂ ପିପିଲିର ମଧ୍ୟ କିଛି ବୁଥ୍‌ରେ ଆରମ୍ଭରୁ ଇଭିଏମ୍ ତ୍ରୁଟି ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ସବୁ କିଛି ଠିକ୍‌ଠାକ ହୋଇ ମତଦାନ ପ୍ରକ୍ରିୟା ସ୍ୱାଭାବିକ ଚାଲିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସିଏପିଏଫ୍‌ଙ୍କ ସମେତ ରାଜ୍ୟ ପୁଲିସ ନିୟୋଜିତ ହୋଇଥିଲେ। ସେହିପରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ଜିଲ୍ଲାର ବିଭିନ୍ନ ବୁଥ୍ ପରିଦର୍ଶନ କରି ଭୋଟଦାନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

# କମିଲା ଜିଲ୍ଲାର ମତଦାନ ହାର

**ପୁରୀ, ୨୫।୫(ସମିସ)**

ପୁରୀ ଜିଲ୍ଲାରେ ଏଥର ମତଦାନ ହାର କମିଛି। ପୁରୀ ଲୋକସଭା ଅଧୀନ ଜିଲାର ୪ଟି ନିର୍ବାଚନ ମଣ୍ଡଳୀରେ ୨୦୧୯ ନିର୍ବାଚନ ଅପେକ୍ଷା ମତଦାନ ହ୍ରାସ ପାଇଛି। ତେବେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଦେଶ ଗଠନରେ ଭୋଟ ହେଉଛି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଥିପ୍ରତି ଭୋଟର ସଚେତନ ନ ହେବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି କିଛି ବୁଦ୍ଧିଜୀବୀ।

ଏଥର ମତଦାନରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱ ଦେଇଥିଲେ ନିର୍ବାଚନ କମିଶନ। ଭୋଟରମାନେ ଯେପରି ମତଦାନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବେ ସେଥିଲାଗି ବିଭିନ୍ନ ପ୍ରକାର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିଲା। ବିଶେଷକରି ୮୫ ବର୍ଷରୁ



ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭୋଟରମାନେ ଯେପରି ଜଣେ ହେଲେ ବି ମତଦାନରୁ ବଞ୍ଚିତ ନ ହୁଅନ୍ତି ସେଥିଲାଗି ସ୍ୱତନ୍ତ୍ର ସୁବିଧା କରାଯାଇଥିଲା। ଘରେ ରହି ସେମାନେ ଯେପରି ତାଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିଲାଗି ହୋମ୍ ଭୋଟିଂ ବ୍ୟବସ୍ଥା ହୋଇଥିଲା। ଏହା ସତ୍ତ୍ୱେ ପୁରୀ ଜିଲାରେ ମତଦାନ ନୈରାଶ୍ୟଜନକ ରହିଛି।

୨୦୧୯ ନିର୍ବାଚନରେ ପୁରୀ ଲୋକସଭା(ପୁରୀ ଜିଲ୍ଲାର ୪ବିଧାନସଭା ଆସନ ସହିତ ନୟାଗଡ଼, ରଣପୁର ଓ ଚିଲିକାକୁ ମିଶାଇ)ର ମତଦାନ ହାର ଥିଲା ୭୨.୫୧ ପ୍ରତିଶତ। ଏଥର ମତଦାନ ୬୧.୧୭ ପ୍ରତିଶତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ଚୂଡାନ୍ତ ନୁହେଁ। ପ୍ରିଜାଇଡିଂ ଅଫିସରଙ୍କଠାରୁ ତଥ୍ୟ ପାଇବା ପରେ ଏଥିରେ ସାମାନ୍ୟ ଫରକ ଆସିପାରେ। କିନ୍ତୁ ଯଦି ବି ବୃଦ୍ଧି ଘଟେ ଅଳ୍ପ କିଛି ପ୍ରତିଶତ ବଢ଼ିବ। କିନ୍ତୁ ଗତ ଦୁଇଟି ନିର୍ବାଚନଠାରୁ କମ୍ ରହିବା ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ସେହିପରି ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀର ମତଦାନ ହାର ମଧ୍ୟ ନୈରାଶ୍ୟଜନକ ରହିଛି।

୨୦୧୯ରେ ପୁରୀ ନିର୍ବାଚନମଣ୍ଡଳୀରେ ମତଦାନ ହାର ଥିଲା ୬୦.୫୫ ପ୍ରତିଶତ। ହେଲେ ଏଥର ପୁରୀରେ ୫୬ ପ୍ରତିଶତ ମତଦାନ ହୋଇଛି। ସେହିପରି ଗତ ନିର୍ବାଚନରେ ବ୍ରହ୍ମଗିରି ୭୩ ପ୍ରତିଶତ ହୋଇଥିବାବେଳେ ଏଥର ୬୫ ପ୍ରତିଶତ, ପିପିଲି ୭୦ ପ୍ରତିଶତ ରହିଥିବା ବେଳେ ଏଥର ୫୯.୮୦ ପ୍ରତିଶତ ଏବଂ ସତ୍ୟବାଦୀ ଗତଥର ୬୭ ପ୍ରତିଶତ ରହିଥିବାବେଳେ ଏଥର ୫୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ତେବେ ଏଥିରେ ସାମାନ୍ୟ ଫରକ୍ ଆସିପାରେ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

### ପେଣ୍ଠକଟା ବସ୍ତିରେ ଟଙ୍କା ବାଣ୍ଟିବା ଅଭିଯୋଗ

## ରାତି ଅଧରେ ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ଘେରିଲେ

**ପୁରୀ, ୨୫।୫(ସମିସ)**

ରାତିଅଧରେ ପେଣ୍ଠକଟା ବସ୍ତରେ ହଟହଟା ହୋଇଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ। ଶୁକ୍ରବାର ବିଳମ୍ବିତ ରାତିରେ ପେଣ୍ଠକଟା ବସ୍ତିକୁ ଯାଇ ଲୋକଙ୍କୁ ଟଙ୍କା ବାଣ୍ଟୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କିଛି ସମୟ ପେଣ୍ଠକଟା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୁଲିସ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ନିର୍ବାଚନକୁ ଅବାଧ, ଶାନ୍ତିପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ମତଦାନର ଗୋଟିଏ ଦିନ ପୂର୍ବରୁ ପ୍ରଚାର ବନ୍ଦ ରଖାଯାଉଥିବା ବେଳେ ପ୍ରାର୍ଥୀ ଏବଂ ସମର୍ଥକ କାହାକୁ ପ୍ରଲୋଭନ ଦେଖାଇ ଭୋଟ ମାଗିପାରିବେ ନାହିଁ ବୋଲି କୁହାଯାଇଛି। କିନ୍ତୁ ବିଭିନ୍ନ ସମୟରେ ଖୋଦ୍ ପ୍ରାର୍ଥୀ ଏହାକୁ ମାନୁନାହାନ୍ତି। ଏମିତି ଅଭିଯୋଗ ଶୁଣିବାକୁ ମିଳିଛି ପୁରୀ ନିର୍ବାଚନ ମଣ୍ଡଳୀରେ। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଶୁକ୍ରବାର ବିଳମ୍ବିତ ରାତିରେ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଷଡ଼ଙ୍ଗୀ ପେଣ୍ଠକଟା ନୋଳିଆ ବସ୍ତିରେ ଟଙ୍କା ବାଣ୍ଟୁଥିଲେ। ଏହା ଜାଣିବା ପରେ ବିଜେଡି ସମର୍ଥକମାନେ ଏତେ ରାତିରେ ବସ୍ତିକୁ କାହିଁକି ଆସିଛନ୍ତି ବୋଲି ପ୍ରଶ୍ନ କରିବା ସହ ଘେରି ଯାଇଥିଲେ। ଫଳରେ ଉଭୟ ସମର୍ଥକଙ୍କ ମଧ୍ୟରେ ହୋ ହଲ୍ଲା ହୋଇଥିଲା। ପରସ୍ପର ସମର୍ଥକମାନେ ଉଭୟଙ୍କୁ ଆକ୍ଷେପ କରି କହୁଥିବା ଭିଡ଼ିଓ ଭାଇରାଲ ହୋଇଛି। ଏହି ଭିଡ଼ିରେ ନିଜେ ବିଧାୟକ ଉପସ୍ଥିତ ଥିବା ସ୍ପଷ୍ଟ ଜଣାପଡୁଛି। ଏହାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସମୁଦ୍ର କୂଳ ଥାନା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଟଙ୍କା ବଣ୍ଟା ଅଭିଯୋଗକୁ ମିଛ ବୋଲି ଗଣମାଧ୍ୟମକୁ କହିଛନ୍ତି ଜୟନ୍ତ। ଏସମ୍ପର୍କରେ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ଚକ୍ର କହିଛନ୍ତି ସୋମବାର ରାତିରେ ପେଣ୍ଠକଠା ବସ୍ତି ଅଞ୍ଚଳରେ ଉତ୍ତେଜନା ଖବର ପାଇ ପହଁଞ୍ଚôଚ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

### ଭୋଟର୍ ତାଲିକାରେ ନାଁ ନ ଥିଲା

## ବୁଥ୍‌ରେ ଶୋଇ ପ୍ରତିବାଦ କଲେ ବୃଦ୍ଧ

**ପୁରୀ, ୨୫।୫(ସମିସ)**

ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ନେଇ ବ୍ୟାପକ ସଚେତନ କରାଯାଇଛି। ଏହାସତ୍ତ୍ୱେ ବଡ଼ ବଡ଼ ଜିଲ୍ଲାରେ ମତଦାନ ହାର ଉତ୍ସାହଜନକ ହେଉନାହିଁ। ଅନେକ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ଲାଗି ଭୋଟ ଗ୍ରହଣ କେନ୍ଦ୍ରକୁ ଯାଉନାହାନ୍ତି। ଏମିତି ଅନେକ ଭୋଟର ଥିବାବେଳେ ଆଉ କିଛି ତ୍ରୁଟି ପାଇଁ ଅନେକ ଲୋକ ଭୋଟଦାନରୁ ବଞ୍ଚିତ ହେଉଥିବା ନଜରକୁ ଆସୁଛି। ତେବେ ଶନିବାର ପୁରୀ ନିର୍ବାଚନମଣ୍ଡଳୀରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି। ଭୋଟର ତାଲିକାରେ ନାଁ ନ ଥିବାରୁ ଜଣେ ବରିଷ୍ଠ ନାଗରିକ ବୁଥ୍‌ରେ ଶୋଇ ଏହାର ପ୍ରତିବାଦ କରିଥିଲେ।

ପୁରୀ ଭୋଳାନାଥ ବିଦ୍ୟାପୀଠ ପରିସର ୫୬ ନମ୍ବର ବୁଥ୍‌ରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ବରିଷ୍ଠ ମତଦାତା ହେଲେ ପୁରୀ ପୌରାଞ୍ଚଳ ଗୋଛାୟତ ବଗିଚାର ୯୨ ବର୍ଷୀୟ ରାମଚନ୍ଦ୍ର ଦାଶ। ସେ ନିଜର ଭୋଟ ପରିଚୟପତ୍ର ଧରି ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ମାତ୍ର ନିଜ ନାଁ ନ ଥିବା ଦେଖି ସେ ପ୍ରିଜାଇଡିଂ ଅଫିସରକୁ ପଚାରିଥିଲେ ଏବଂ ନିଜ ଭୋଟ ପରିଚୟପତ୍ର ଦେଖାଇଥିଲେ। ସେଥିରେ ତାଙ୍କ ନାଁ ଏବଂ ଠିକଣା ରହିଥିଲା। ହେଲେ ଭୋଟର ତାଲିକାରେ ନାଁ ନ ଥିବାରୁ ଅଧିକାରୀମାନେ ନିରୁପାୟ ହୋଇଥିଲେ। ତେବେ ଏହାର ପ୍ରତିବାଦ କରିବାକୁ ଯାଇ ଶ୍ରୀ ଦାଶ ସେହି ବୁଥ୍‌ରେ ଶୋଇ ରହିଥିଲେ। ଭୋଟ ଦେଲେ ଯିବେ ବୋଲି ଜିଦ୍ ଧରି ବସିଥିଲେ। କେନ୍ଦ୍ରର ଅଧିକାରୀମାନେ ତାଙ୍କୁ ବୁଝାଶୁଝା କରୁଥିବା ଦେଖିବାକୁ ମିଳିଥିଲା।

# ମତଦାନ କଲେ ଗଜପତି ମହାରାଜା

**ପୁରୀ, ୨୫।୫(ସମିସ)**

ଗଣତନ୍ତ୍ରର ମହାନପର୍ବରେ ସାମିଲ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଶନିବାର ପୁରୀରେ ପ୍ରଥମ ପର୍ଯ୍ୟାୟ ତଦାନ ଚାଲିଥିବା ବେଳେ ଭୋଟରମାନେ ନିଜ ନିଜ ବୁଥ୍‌ରେ ମତଦାନ କରିଛନ୍ତି। ପୂର୍ବାହ୍ନରେ ମହାପ୍ରଭୁଙ୍କ ଆଦ୍ୟ ସେବକ ତଥା ଗଜପତି ମହାରାଜା ମହାରାଣୀ ଲୀଳାବତୀ ପାଟମହାଦେଇଙ୍କ ପୁରୀ ପୌରାଞ୍ଚଳ ୧୫ ନମ୍ବର ୱାର୍ଡର ୧୧୪ ନମ୍ବର ବୁଥ୍‌ରେ ମତଦାନ ସାବ୍ୟସ୍ତ କରିଛନ୍ତି। ମତଦାନ ପରେ ଗଣମାଧ୍ୟମକୁ ଗଜପତି ମହାରାଜା କହିଥିଲେ, ମତାଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ମୁଖ୍ୟ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ପୁରୀବାସୀଙ୍କ ଲାଗି ଏକ ବିଶେଷ ଦିନ। ଏହି ପର୍ବରେ ଭୋଟ ଦେଇ ଆମେ ସମସ୍ତେ ସାମ୍ବିଧାନିକ ଅଧିକାର ପୂରଣ କରିବା। ଆସନ୍ତୁ ନିଜ ନିଜ ବିକେବ, ଭାବନା ଓ ଚିନ୍ତାଧାରା ଅନୁସାରେ ଏହି ପର୍ବରେ ଯୋଗଦାନ କରନ୍ତୁ। ରାଜ୍ୟ ଏବଂ ଦେଶର ଉନ୍ନତି କରାନ୍ତୁ। ନିଜ ବିବେକ, ଭାବନାକୁ ଦୃଷ୍ଟିରେ ରଖି, ଦେଶ ଏବଂ ରାଜ୍ୟର ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବାକୁ କହିଥିଲେ ଗଜପତି ମହାରାଜା।



## ସରିଲା ସାଧାରଣ ନିର୍ବାଚନ

## ଆତଙ୍କ ସୃଷ୍ଟି କଲେ ବିଜେପି କର୍ମୀ ଓ ସମର୍ଥକ

# ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ









ନୟାଗଡ଼, ୨୫।୫(ସମିସ): ନୟାଗଡ଼ ଜିଲ୍ଲାର ୩ ନିର୍ବାଚନ ମଣ୍ଡଳୀରେ ଶାନ୍ତି ଶୃଙ୍ଖଳାର ସହ ଭୋଟ୍ ଗ୍ରହଣ ସରିଛି। ସକାଳ ୭ଟାରୁ ସମସ୍ତ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ବୁଥ୍ ଗୁଡ଼ିକରେ ଭୋଟରଙ୍କ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିଲା। ୩ ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ନୟାଗଡ଼ ଜିଲ୍ଲାର ନୟାଗଡ଼, ରଣପୁର ଏବଂ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଶନିବାର ଭୋଟ୍ ଗ୍ରହଣ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ରଣପୁର ନିର୍ବାଚନ ମଣ୍ଡଳୀରେ ୬୦.୩ ପ୍ରତିଶତ ମତଦାନ ହୋଇଥିବା ବେଳେ ଖଣ୍ଡପଡ଼ାରେ ୬୩.୫ ପ୍ରତିଶତ, ନୟାଗଡ଼ରେ ୫୯.୮ ପ୍ରତିଶତ ମତଦାନ ହୋଇଛି। ୩ ଟି ନିର୍ବାଚନ ମଣ୍ଡଳୀରେ ୭୦୩ ଟି ବୁଥ ରହିଥିଲା। ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ୫୨ଟି ମୋବାଇଲ ପାର୍ଟି କରାଯାଇଥିଲା। ୮୦ ଜଣ ସେକ୍ଟର ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତି କରାଯାଇଥିଲା। ଏଥି ସହିତ ୬ ଜଣ ଡିଏସପିଙ୍କୁ ସୁପର ଭାଇଜିଙ୍ଗ ଅଫିସର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୩ ଜଣ ଆଡିସନାଲ ଏସପିଙ୍କୁ ସେଗ୍‌ନେଟ୍ ସୁପର ଭାଇଜିଙ୍ଗ ଅଫିସର ଭାବେ ନିଯୁକ୍ତି କରାଯାଇତଲା। ୧୩ ଗୋଟି ଷ୍ଟ୍ରାଇକିଙ୍ଗ ଫୋର୍ସ ନିୟୋଜିତ କରାଯାଇଥିବା ବେଳେ ୩ ଗୋଟି କୁଇକ ରେସପନ୍ସ ଟିମ୍‌କୁ ନିଯୁକ୍ତି କରାଯାଇଥିଲା। ଏଥି ସହିତ ବହୁ ପରିମାଣରେ ସିଏପିଏଫଙ୍କୁ ନିଯୁକ୍ତି କରାଯାଇଥିଲା। ୪୨୨ଟି ବୁଥରେ ୱେବ କାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଥିଲା। ୭୭ ଜଣ ଭିଡିଓ ଗ୍ରାଫିଙ୍ଗ, ୭୪ ଜଣ ଫଟୋ ଗ୍ରାଫିଙ୍କୁ ମୃତୟନ କରାଯାଇତଲା। ନୟାଗଡ଼ ନିର୍ବାଚନମଣ୍ଡଳୀର ୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ବିଜେଡିରୁ ଡ. ଅରୁଣ କୁମାର ସାହୁ, ବିଜେପିରୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, କଂଗ୍ରେସରୁ ରଣଜିତ ଦାଶ, ପଞ୍ଜିକୃତ ଅଣପଞ୍ଜିକୃତ ରାଜନୈତିକ ଦଳରୁ ଗିରିଧାରୀ ରାଉତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସନ୍ତୋଷ ନାରାୟଣ ଓ ହେମନ୍ତ କୁମାର ପୃଷ୍ଟି ପ୍ରାର୍ଥୀ ରହିଥିଲେ। ସେହିଭଳି ରଣପୁର ନିର୍ବାଚନମଣ୍ଡଳୀରୁ ମୋଟ ୮ ଜଣ ପ୍ରାର୍ଥୀ ରହିଥିବା ବେଳେ ବିଜେଡିରୁ ସତ୍ୟନାରାୟଣ ପ୍ରଧାନ, ବିଜେପିରୁ ସୁରମା ପାଢ଼ୀ, କଂଗ୍ରେସରୁ ବିଭୁପ୍ରସାଦ ମିଶ୍ର, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିରୁ ସରୋଜ କୁମାର ନାୟକ, ସୋସାଲିଷ୍ଟ କମ୍ୟୁନିଷ୍ଟ ପାର୍ଟିରୁ କୃଷ୍ଣଚନ୍ଦ୍ର ମହାପାତ୍ର, ଆମ୍ ଆଦ୍‌ମୀ ପାର୍ଟିରୁ ସୁଧୀର କୁମାର ଦାସ ଏବଂ ସ୍ୱାଧୀନ ଭାବେ ହୁଲାସ ବାରିକ ଓ ସନ୍ତୋଷ କୁମାର ସାହୁ ପ୍ରାର୍ଥୀ ହୋଇଥିଲେ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ମୋଟ ୧୦ଜଣ ପ୍ରାର୍ଥୀ ରହିଥିବା ବେଳେ ବିଜେଡିରୁ ସାବିତ୍ରୀ ପ୍ରଧାନ, ବିଜେପିରୁ ଦୁଷ୍ମନ୍ତ ସ୍ୱାଇଁ, କଂଗ୍ରେସରୁ ବୈଜୟନ୍ତୀମାଳା ମହାନ୍ତି, ମାନସ ଲୋକଶକ୍ତି ଦଳରୁ ରଶ୍ମିତା ବେହେରା, ଓଡ଼ିଶା ଜନତା ପାର୍ଟିରୁ ତ୍ରିନାଥ ନାୟକ ଏବଂ ସ୍ୱାଧୀନ ଭାବେ ଅନୁଭବ ପଟ୍ଟନାୟକ, ଜିତେନ୍ଦ୍ର ବେହେରା, ଲୋପାମୁଦ୍ରା ଷଡଙ୍ଗୀ, ଶିବନାରାୟଣ ମହାନ୍ତି ଓ ମଲ୍ଲୀ ବେହେରା ପ୍ରାର୍ଥୀ ରହିଥିଲେ। ଦୀର୍ଘଦିନର ମିଶ୍ରଣ ପର୍ବ ଆଉ ପ୍ରଚାର ପରେ ଶନିବାର ହୋଇଛି ମତଦାନ। ପ୍ରାର୍ଥୀମାନେ ଭୋଟରଙ୍କୁ ହାତେଇବା ପ୍ରଚେଷ୍ଟାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶନିବାର ଭୋଟ୍ ଗ୍ରହଣ ହୋଇସାରିଥିବା ବେଳେ ନୟାଗଡ଼ ନିର୍ବାଚନମଣ୍ଡଳୀର କିଛି ସ୍ଥାନରେ କାଁଭାଁ ପାଟିତୁଣ୍ଡ ହୋଇଥିବା ବେଳେ ଗୋଟିଏ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଅଚେତ ହୋଇପଡ଼ିଥିବା ବିଷୟ ସାମ୍ନାକୁ ଆସିଥିଲା। ଏଥିସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଧ୍ୟ ସମ୍ବେଦନଶୀଳ ବୁଥ୍ ଗୁଡ଼ିକୁ ବୁଲି ତଦାରଖ କରିଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ ନିର୍ବାଚନମଣ୍ଡଳୀରେ ନୟାଗଡ଼ ବ୍ଲକର ୧୬୦ଟି ଏବଂ ଓଡ଼ଗାଁ ବ୍ଲକରେ ୮୬ଟି ବୁଥ୍ ରହିଥିବା ବେଳେ ମୋଟ ୨୪୬ଟି ବୁଥ୍‌ରେ ଭୋଟ୍ ଗ୍ରହଣ ହୋଇଛି। ସକାଳ ୭ଟାରୁ ବୁଥ୍ ଆଗରେ ଲମ୍ବା ଧାଡ଼ି ଲାଗିଥିବା ଦେଖିବାକୁ ମିଳିଥିଲା। ଭୋଟ୍ ଦେବାକୁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ଦେଖିବାକୁ ମିଳିଥିବା ବେଳେ ଭୋଟରଙ୍କ ଲାଗି ବୁଥ୍ ଗୁଡ଼ିକରେ ସମସ୍ତ ବ୍ୟବସ୍ଥା ରହିଥିଲା। ବୟସ୍କ ଭୋଟରଙ୍କ ଲାଗି ହ୍ୱିଲ୍ ଚେୟାର୍, ପାନୀୟ ଜଳ ଏବଂ ଭିନ୍ନକ୍ଷମଙ୍କ ଲାଗି ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଦିନତମାମ ଭୋଟ୍ ପାଇଁ ବୁଥ୍‌ରେ ଭିଡ଼ ଜମିଥିବା ବେଳେ ପ୍ରାର୍ଥୀମାନେ ବୁଥ୍ ବୁଲି ଦେଖିଥିଲେ। ତେବେ ମାଛିପଡ଼ାସ୍ଥିତ ୧୫୮ ନଂ ବୁଥ୍‌ରେ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନାପ୍ରକାରେ, ବିଜେପି ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉକ୍ତ ବୁଥ୍‌କୁ ଯାଇଥିବା ବେଳେ ତାଙ୍କ ସହ ଥିବା ସୁରକ୍ଷାକର୍ମୀ ମଧ୍ୟ ବୁଥ୍‌କୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ବିରୋଧ କରିବା ପରେ ଜଣେ ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀ ଜଣକ ଧକ୍କା ଦେଇଥିଲେ। ଫଳରେ ବୁଥ୍‌ରେ ଏହାକୁ ବିରୋଧ କରି ପାଟିତୁଣ୍ଡ ହୋଇଥିଲା। ପ୍ରାୟ ଅଧଘଣ୍ଟା ସମୟ ପାଟିତୁଣ୍ଡ ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ସମୟରେ ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସର ଅଚେତ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ସେହିଭଳି ବିଜେଡି ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ ମଧ୍ୟ ଅନେକ ବୁଥ୍ ବୁଲି ଦେଖିଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ରହିଥିବା ସମ୍ବେଦନଶୀଳ ବୁଥ୍ ଗୁଡ଼ିକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ୍ ନିଜେ ବୁଲି ଭୋଟ୍ ଗ୍ରହଣକୁ ତଦାରଖ କରିଥିଲେ। ବୁଥ୍ ଗୁଡ଼ିକରେ ନିୟମ ଗୁଡ଼ିକର ସଠିକ୍ ପାଳନ ହେଉଛି କି ନାହିଁ ଏବଂ ସୁରକ୍ଷା କିଭଳି ରହିଛି ତାହାର ତଦାରଖ କରିଥିଲେ। ଅନେକ ବୁଥ୍‌ରେ ବୟସ୍କ ଭୋଟର୍‌ଙ୍କୁ ଉକ୍ତ ବୁଥ୍‌ରେ ଦାୟିତ୍ୱରେ ଥିବା ଅଧିକାରୀମାନେ ହ୍ୱିଲ୍ ଚେୟାର୍‌ରେ ବସାଇ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।







## ଭାପୁର ବ୍ଲକରେ ୭୦% ମତଦାନ

# ଶାନ୍ତିଶୃଙ୍ଖଳା ସହ ସରିଲା ଭୋଟ



ଭାପୁର, ୨୫।୫(ସମିସ) ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ଭାପୁର ବ୍ଲକରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି।ଏହି ନିର୍ବାଚନରେ ମାଟିର ବୋହୁ ପାଇଁ ଅଭୁତପୂର୍ବ ସମର୍ଥନ ଯୋଗୁଁ ରେକର୍ଡ ମତଦାନ ହୋଇଛି। ଏପରିକି କେତେକ ବୁଥରେ ୯୩% ପୁଲିଂ ହୋଇ ସର୍ବକାଳିନ ରେକର୍ଡ ହୋଇଛି। ଫତେଗଡ଼ ଥାନା ଅଧିନରେ ଭାପୁର ବ୍ଲକର ସମସ୍ତ ୨୦ ପଞ୍ଚାୟତର ୧୦୧ ବୁଥ ଓ ଖଣ୍ଡପଡ଼ା ବ୍ଲକର ତିନି ପଞ୍ଚାୟତରେ ୨୧ ବୁଥକୁ ମିଶାଇ ମୋଟ ୧୨୨ ପୁଲିଂ ବୁଥରେ ଫତେଗଡ଼ ପୁଲିସ ଯୋଗୁଁ ଶାନ୍ତି ଶୃଙ୍ଖଳାର ସହ ମତଦାନ ସମାପ୍ତ ହୋଇଛି। କେତେକ ବୁଥରେ ରାତି ଦଶଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ନିର୍ବାଚନରେ ବିଜେଡି ତରଫରୁ ସାବିତ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। ସ୍ୱାଧିନତା ପର ଠାରୁ ଭାପୁର ବ୍ଲକର କେବଳ ବଂଶୀଧର ପଟ୍ଟନାୟକ ଥରେ ମାତ୍ର ସ୍ୱାଧୀନ ପ୍ରାର୍ଥୀଭାବେ ବିଧାୟକ ହୋଇଥିଲେ। ତାହା ପୁଣି ଏକ ଉପନିର୍ବାଚନ ଓ ମାତ୍ର ୧୮ ମାସ ପାଇଁ। ଦୀର୍ଘ ବର୍ଷ ପରେ ବର୍ତ୍ତମାନ ଭାପୁର ବ୍ଲକର ଜଣେ ମହିଳାଙ୍କୁ ବିଧାୟକ ହେବାର ସୁଯୋଗ ମିଳିଥିବାରୁ ଏହା ବ୍ଲକର ଶିକ୍ଷିତ ଓ ଯୁବବର୍ଗ ମଧ୍ୟରେ ନାହିଁ ନଥିବା ଉତ୍ସାହ ସୃଷ୍ଟି କରିଥିଲା। ତାହାର ପ୍ରମାଣ ବିପୁଳ ମତଦାନ ପ୍ରମାଣିତ କରୁଛି। ଭାପୁର ବ୍ଲକରେ ମୋଟ ୭୦% ମତଦାନ ହୋଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି।ଯେହେତୁ ମତଦାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ବୁଥରେ ଚାଲିଥିଲା ସେଥିପାଇଁ ସଠିକ ତଥ୍ୟ ପ୍ରଶାସନ ଦେଇପାରି ନ ଥିଲା।ଅନେକ ବୁଥରେ ୮୦-୯୦% ମତଦାନ ହୋଇଥିବା ଜଣାପଡ଼ିଛି।ସବୁଠାରୁ ଅଧିକ ମତଦାନ ଗୋଳାପୋଖରୀ ପଞ୍ଚାୟତ କରଡାପଲ୍ଲୀ ବୁଥରେ ୯୩% ହୋଇଥିବା ଜଣାପଡ଼ିଛି।ମେସିନ ଖରାପ ଓ ପାଗ ଖରାପ ଯୋଗୁଁ ଗୋଳାପୋଖରୀ, କଇଁଫୁଲିଆ, ଦୁଆଡିଆ, କରବର ଓ ସୁନାଖଳା ବୁଥରେ ବହୁତ ରାତି ପର୍ଯ୍ୟନ୍ତ ମତଦାନ ହୋଇଥିବା ଜଣାପଡ଼ିଛି। ଏପରି ବିପୁଳ ମତଦାନ ଶାସକ ଦଳ ସପକ୍ଷରେ ଯିବ ବୋଲି ଆକଳନ କରାଯାଉଛି।ଯାହା ଦଳର ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ଭଲ ଭୋଟ ବ୍ୟବଧାନରେ ବିଜୟୀ କରାଇବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।



## ବାହାଡ଼ାରେ ୯୦ ପ୍ରତିଶତ ମତଦାନ

# ବୁଥ୍ ବୁଲିଲେ ସଂତୃପ୍ତ ଓ ସାବିତ୍ରୀ

ଖଣ୍ଡପଡ଼ା, ୨୫।୫(ସମିସ): ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଭାପୁର, ଖଣ୍ଡପଡ଼ା ଓ ଏନ୍ଏସିରେ ଶାନ୍ତି ଶୃଙ୍ଖଳାର ସହ ମତଦାନ କରିଥିଲେ ମତଦାତା। ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଫଳରେ କୌଣସି ସ୍ଥାନରେ ଅପ୍ରିତିକର ପରିସ୍ଥିତି ଉପୁଜିନଥିବା ସୂଚନା ରହିଛି। ପ୍ରଚଣ୍ଡ ଖରା ସତ୍ୱେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦ୍ୱିପ୍ରହର ସମୟରେ ଭୋଟିଂ ପ୍ରତିଶତ କମ ଥିବାବେଳେ ଅପରାହ୍ନରେ ପରେ ବୁଥ ଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଏପରିକି ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲୁ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟା ୭ ସୁଧା ଟା ୭୦ ପ୍ରତିଶତ ମତଦାନ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିବା ବେଳେ ଖବର ଲେଖାଯିବା ବେଳକୁ ନିର୍ବାଚନମଣ୍ଡଳୀ ଅଧୀନ ସମୁଦାୟ ୨୧୭ ବୁଥରୁ ୯୧ ବୁଥରେ ଭୋଟଗ୍ରହଣ ଚାଲିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏକାଧିକ ସ୍ଥାନରେ ତହ ତହ ଖରାରେ ଠିଆ ହୋଇ ସିଝିଥିଲେ ଭୋଟର। ତେବେ ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ର ଦୁଇଟି ବୁଥରେ ୯୦ ପ୍ରତିଶତ ମତଦାନ ହୋଇଥିବା ବେଳେ ସବୁଠୁ ଆଗରେ ଏହି ଦୁଇଟି ବୁଥ ଥିବା ଜଣାପଡ଼ିଛି। ବିଜେଡ଼ି ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ବିଧାନସଭା ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ଆଜି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମଧ୍ୟ ବିଭିନ୍ନ ବୁଥକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।



## ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ

# ୪୫ ନମ୍ବର ବୁଥ୍ ଇଭିଏମ୍ ବଦଳିଲା

ଓଡଗାଁ, ୨୫।୫(ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନୟାଗଡ଼ ଓ ରଣପୁର ବିଧାନ ମଣ୍ଡଳରେ ଶାନ୍ତିଶୃଙ୍ଖଳାର ସହ ଭୋଟଗ୍ରହଣ ଶେଷ ହୋଇଛି। ତେବେ ରଣପୁର ନିର୍ବାଚନ ମଣ୍ଡଳୀ ଶରଣକୁଳ ଥାନା ଅନ୍ତର୍ଗତ ହରିହରପୁର ୪୫ ନମ୍ବର ବୁଥରେ ଇଭିଏମ୍ ବକ୍ସ ବଦଳିବା ପରେ ପୂର୍ବାହ୍ନ ୧୦ ପରେ ଭୋଟଗ୍ରହଣ ହୋଇଥିଲା। ସେହିପରି ସାବେରୀ ପଞ୍ଚାୟତର ବୁଥ ନମ୍ବର ୨୪୬ ଏବଂ ପନ୍ତୀଖାରି ପଞ୍ଚାୟତର ବୁଥ ନମ୍ବର ୨୦୧ରେ ଇଭିଏମ କାର୍ଯ୍ୟକ୍ଷମ ନହେବାରୁ ଖବରପାଇ ଇଞ୍ଜିନିୟର ଘଟଣାସ୍ଥଳରେ ପହଞ୍ଚି ସାମାନ୍ୟ ମରାମତି କରିବା ପରେ ୧ରୁ ୨ ଘଣ୍ଟା ପରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଏତଦବ୍ୟତୀତ ଅନ୍ୟ କେତେକ ବୁଥ ଇଭିଏମରେ ସମସ୍ୟା ଉପୁଜିବା କାରଣରୁ ସକାଳ ୫.୩୦ରୁ ଆସି ଲାଇନରେ ଅପେକ୍ଷା କରିଥିବା ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା କାରଣରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଭୋଟ ଗ୍ରହଣ ସ୍ୱାଭାବିକ ହେବା ପରେ ପରିସ୍ଥିତି ବଦଳିଥିଲା। ପୁଲିସ ଅଫିସର, ଅର୍ଦ୍ଧସାମରିକ ବାହିନୀ, ମୋବାଇଲ ପାଟି ନିୟମିତ ସମୟ ବ୍ୟବଧାନରେ ପ୍ରତ୍ୟେକ ବୁଥରେ ପହଁଞ୍ଚିଥିବାରୁ ରାଜନୈତିକ ହିଂସାକାଣ୍ଡକୁ ପ୍ରଶମିତ ହୋଇଥିଲା। ଶେଷ ବେଳକୁ ଭୋଟଗ୍ରହଣ ଗ୍ରହଣ ହାର ସନ୍ତୋଷ ଜନକ ଥିବାରୁ ଜିତିବାକୁ ନେଇ ପ୍ରତିଦ୍ୱନ୍ଦ୍ୱିମାନେ ଉତ୍ସାହିତ ଥିବା ପରି ମନେ ହେଉଥିଲା।



ଚଟା ସୁଦ୍ଧା ଜିଲ୍ଲାରେ ୫୩.୫୪ ପ୍ରତିଶତ ମତଦାନ

# ମନ୍ମଥ, ଅପରାଜିତାଙ୍କ ସମେତ ୯୫ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା



ଖୋର୍ଦ୍ଧା, ୨୫।୫(ସମିସ): ଶେଷ ହୋଇଛି ତୃତୀୟ ପର୍ଯ୍ୟାୟ ମତଦାନ। ଜିଲ୍ଲାରେ ୫ଟା ସୁଦ୍ଧା ପ୍ରାୟ ୫୩.୫୪ପ୍ରତିଶତ ମତଦାନ ହୋଇଥିବା ବେଳେ ସବୁଠାରୁ ଆଗରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୬୫.୭୦ ପ୍ରତିଶତ ମତଦାନ ରହିଛି। ସର୍ବନିମ୍ନ ମତଦାନ ଭୁବନେଶ୍ୱର (ମଧ୍ୟ) ୪୪.୧୨ % ରହିଛି। ସେହିପରି ଭୁବନେଶ୍ୱର (ଉତ୍ତର) ୪୫%, ଚିଲିକା ରେ ୬୦.୧୨%, ଏକାମ୍ର (ଭୁବନେଶ୍ୱର) ରେ ୪୯.୫୦%, ଜଟଣୀରେ ୫୨%, ଜୟଦେବ ରେ ୬୪.୮୦%, ଖୋର୍ଦ୍ଧା ରେ ୫୮.୧୨ ପ୍ରତିଶତ ମତଦାନ ହାର ରହିଥିବା ଜଣାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ, ୧୯୨୩ବୁଥ ରୁ ରାତି ୧୦ଟା ସୁଦ୍ଧା ୧୯୦୧ଟି ବୁଥରେ ମତଦାନ ଶେଷ ହୋଇଛି। ଅବଶିଷ୍ଟ ୨୨ବୁଥରେ ମତଦାନ ଚାଲିଛି।

ତେଣୁ ଭୁବନେଶ୍ୱର ଲୋକସଭାପା।ଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ପ୍ରାର୍ଥୀ ଅପରାଜିତା, ବିଜେଡ଼ିର ମନ୍ମଥ ଓ କଂଗ୍ରେସରୁ ୟାସିର ନୱାଜଙ୍କ ସମେତ ୧୨ଜଣ ଲୋକସଭା ପ୍ରାର୍ଥୀଙ୍କ ଭାଗ୍ୟ ଆଜି ଇଭିଏମ୍‌ରେ ସିଲ ହୋଇଛି। ସେହିଭଳି ଜିଲ୍ଲାର ୮ବିଧାନସଭା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୮୩ ପ୍ରାର୍ଥୀ ଯଥା ହେଭିୱେଟ ନେତାଭାବେ ପରିଚିତ ବିଧାୟକ ରାଜେନ୍ଦ୍ର ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ସୁଶାନ୍ତ ରାଉତ, ବିଭୁତି ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା, ଅରବିନ୍ଦ ଢ଼ାଲି ଏବଂ ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଆଗଧାଡ଼ିର ନେତାଙ୍କ ଭାଗ୍ୟ ମଧ୍ୟ ଇଭିଏମ୍ ଭିତରେ ସିଲ ହୋଇଛି। ଅନେକସ୍ଥାନରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଏବଂ ନିର୍ବାଚନ ପରିଚାଳନାରେ ବ୍ୟାଘାତ ଯୋଗୁ ମତଦାନ ବିଳମ୍ବ ହେବା ସହିତ କେତେକ ସ୍ଥାନରେ ଅସନ୍ତୋଷ ମଧ୍ୟ ଦେଖାଯାଇଛି। ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର କେତେକ ବୁଥରେ ରିପୋର୍ଟ ଲେଖାହେବା ଯାଏଁ ମତଦାନ ଜାରୀ ରହିଥିବା ବେଳେ ବହୁ ବୁଥରେ ମଧ୍ୟ ମତଦାନ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ଶେଷ ହୋଇଛି। କାଁ ଭାଁ କେତେକ ବୁଥରେ ସାମାନ୍ୟ ଉତ୍ତେଜନା ଦେଖାଯାଇଥିବା ବେଳେ ଆଉ କେତେକ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟିକୁ ଭୋଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ମଧ୍ୟ ଦେଖାଯାଇଛି।

## ଅସହ୍ୟ ଗୁଳୁଗୁଳିରେ ବେହୋସ ହେଲେ ମହିଳା



ନିର୍ବାଚନକୁ ଅବାଧ ନିରପେକ୍ଷ ସହିତ ସୁବ୍ୟବସ୍ଥା ପଦକ୍ଷେପ ନେଇଥିବା ନେଇ ପ୍ରଶାସନ ସୁବନ୍ଦୋବସ୍ତ କରିଥିବା କହିଥିବା ବେଳେ ଖୋର୍ଦ୍ଧା ପୌରପରିଷଦର ଫରେଷ୍ଟ କଲୋନୀ ୟୁପି ସ୍କୁଲ ଠାରେ ହୋଇଥିବା ବୁଥରେ ମତଦାନ ବହୁ ଧିରେ ହେଉଥିବାରୁ ଅସହ୍ୟ ଗୁଳୁଗୁଳିରେ ଦୀର୍ଘସମୟ ଧରି ଭୋଟର ଠିଆ ହୋଇଥିଲେ। ଏହି ସମୟରେ ଜଣେ ମହିଳା ହଠାତ ବେହୋସ ହୋଇଯାଇଥିଲେ। ପୁଲିଂ କର୍ମଚାରୀ ଓ ସ୍ଥାନୀୟ ଲୋକ ଛାଟି ତାଙ୍କର ଚେତା ଫେରାଇବାରେ ସହାୟକ ହୋଇଥିଲେ।ପ୍ରାୟ ଅଧିକାଂଶ ମତଦାନ କେନ୍ଦ୍ର ସମ୍ମୁଖରେ ଛାମୁଣ୍ଡିଆ କରାଯାଇନଥିବାରୁ ଭୋଟରମାନେ ମୁଣ୍ଡଫଟା ଖରାରେ ଲମ୍ବାଧାଡ଼ିରେ ଠିଆ ହୋଇ ମତଦାନ କରିବାକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା।

## ଇଭିଏମ୍ ତ୍ରୁଟି; ବିଳମ୍ବରେ ହେଲା ମତଦାନ



ଖୋର୍ଦ୍ଧା, ୨୫।୫(ସମିସ): ଆଜି ମତଦାନ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ତେବେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ, ଜଟଣୀ ନିର୍ବାଚନ ମଣ୍ଡଳୀ, ବେଗୁନିଆ ନିର୍ବାଚନ ମଣ୍ଡଳୀ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଜୟଦେବ, ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ରେ ଇଭିଏମ୍ ତ୍ରୁଟି ଯୋଗୁ ପ୍ରାୟ ଅଧଘଣ୍ଟାରୁ ୪୫ମିନିଟ ବିଳମ୍ବରେ ମତଦାନ ହୋଇଥିଲା। ଫଳରେ ସେଠାରେ ଉପସ୍ଥିତ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଭାବ ଦେଖାଯାଇଥିବା ବେଳେ କେତେକ ବୁଥରେ ଉତ୍ତେଜନା ମଧ୍ୟ ଦେଖାଯାଇଥିଲା। ସେହିପରି ଜଟଣୀ ନିର୍ବାଚନମଣ୍ଡଳୀର ତରାବୋଇ ୧୪୮ନଂ ବୁଥରେ ଇଭିଏମ୍ ସାଙ୍ଘାତିକ ତ୍ରୁଟି ଯୋଗୁ ଯେଉଁ ବଟମ ଦବାଇଲେ ବିଜେପିକୁ ଭୋଟ ଯାଉଥିବା ଦେଖାଯାଇଥିଲା। ଏନେଇ ଉକ୍ତ ବୁଥରେ ଅସନ୍ତୋଷ ଦେଖାଯାଇଥିବା ବେଳେ ଇଭିଏମ୍ ଟେଷ୍ଟିଂ ବେଳେ ଏପରି ହୋଇଥିବା କୁହାଯାଇଛି।

## ମତଦାନ କଲେ ସାଂସଦ ମାନସ



ରାଜ୍ୟସଭା ସାଂସଦ ତଥା ବିଜେଡିର ବରିଷ୍ଠ ନେତା ମାନସ ମଙ୍ଗରାଜ ନିଜ ପରିବାର ଧର୍ମପତ୍ନୀ କବୟତ୍ରୀ ଗାୟତ୍ରୀବାଳା ପଣ୍ଡା ଓ ପୁଅ ମନିତଙ୍କ ସହ ନିଜ ଜନ୍ମମାଟି ଚିଲିକା ନିର୍ବାଚନମଣ୍ଡଳୀର କହ୍ନେଇପୁର ସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ଆସି ମତଦାନ କରିଛନ୍ତି। ଗାଁ ରେ ପହଁଞ୍ଚି ନିଜ ସମ୍ପର୍କିୟ ତଥା ଗ୍ରାମବାସୀଙ୍କ ସହ ଭଲମନ୍ଦ ପଚାରି ବୁଝିଥିଲେ। ଧାଡିରେ ଯାଇ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ନବାଗତ ଭୋଟର ମନିତ ମଙ୍ଗରାଜ ବାପା ମାଆଙ୍କ ସହ ଆସି ପ୍ରଥମ କରି ଭୋଟ ଦେଇଥିବାରୁ ଖୁସିବ୍ୟକ୍ତ କରି କହିଲେ, ଦେଶର ମହାନ ଗଣତନ୍ତ୍ର ପର୍ବରେ ନିଜକୁ ସାମିଲ କରି ମୁଁ ଆଜି ବହୁତ ଖୁସି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ମନିତ ସମସ୍ତ ଭାଇ ଓ ଭଉଣୀ ଭୋଟରଙ୍କୁ ଅପିଲ କରିଥିଲେ।

## ମତଦାନ କରି ନୂଆ ଭୋଟର ଖୁସ



ଖୋର୍ଦ୍ଧା, ୨୫।୫(ସମିସ): ସରିଛି ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ। ଏଥର ପ୍ରଥମ କରି ଭୋଟ ଦେଇଛନ୍ତି ଅନେକ ନୂଆ ଭୋଟର। ମତଦାନ କରିବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସରକାର ଗଠନରେ ସେମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ବୁଝିପାରିଛନ୍ତି। ଗଣତନ୍ତ୍ରର ଏହି ମହୋତ୍ସବରେ ଭାଗନେଇ ସେମାନେ ନିଜକୁ ଗର୍ବ ଅନୁଭବ କରୁଥିବା କହିଛନ୍ତି।ଜିଲ୍ଲାର ୮ଟି ନିର୍ବାଚନମଣ୍ଡଳୀରେ ନୂଆ ଯୁବ ଭୋଟରଙ୍କ ମଧ୍ୟରେ ଏଭଳି ଖୁସି ଦେଖିବାକୁ ମିଳିଛି।

ଖୋର୍ଦ୍ଧା ମଙ୍ଗଳାନଗର ଲେନ-୪ ର ସାଇ ସୁମନ ସାମନ୍ତରାୟ କୁହନ୍ତି ସେ ଏହି ନିର୍ବାଚନରେ ପ୍ରଥମ ଥରପାଇଁ ମତଦାନ କରିଛନ୍ତି। ଏହା ତାଙ୍କୁ ଗୌରବାନ୍ୱିତ କରିଛି। ସେହିପରି ଯୁବଭୋଟର ଖୋର୍ଦ୍ଧା ମଙ୍ଗଳାନଗରର ସୁଶ୍ରୀ ରାୟ କହିଛନ୍ତି ସେ ପ୍ରଥମ ଥର ଲାଗି ଭୋଟ ଦେବାକୁ ଆସିଥିବା ବେଳେ ଭୋଟ ଦେଇ ସେ ଆନନ୍ଦିତ ଓ ନିଜକୁ ଗର୍ବମନେ କରୁଛନ୍ତି। ଯେଉଁ ନେତାଙ୍କୁ ବାଛିଛନ୍ତି ସେ ବିଜୟୀ ହେବା ପରେ ଅଞ୍ଚଳର ବିକାଶ କରିବେ ବୋଲି ଆଶା ରଖିଛନ୍ତି। ନୂଆ ରାଜ୍ୟ ଓ ଦେଶ ଗଠନରେ ଯୁବ ଭୋଟରଙ୍କ ମତଦାନ ମୁଖ୍ୟ ରହିଥିବା ଅନୁଭୂତି ପାଇଛନ୍ତି। ସଖୀ ବୁଥ ରେ ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା, ସୁରକ୍ଷା ଏବଂ ଶୃଙ୍ଖଳିତ ମତଦାନକୁ ସେ ପ୍ରଶଂସା କରିଛନ୍ତି।

## ଇଭିମ୍‌ରେ ତ୍ରୁଟିରୁ ଡେରିରେ ମତଦାନ

କୁହୁଡି, ୨୫।୫ (ସମିସ) : ନିର୍ବାଚନ ମହାକୁମ୍ଭ ସମସ୍ତେ ମତଦାନ କେନ୍ଦ୍ରକୁ ଯାଇ ମତସଭ୍ୟସ୍ତ କରିଛନ୍ତି। କୁହୁଡ଼ି, ରତନପୁର, କୁଞ୍ଜୁରୀ, ଚଣ୍ଡେଶ୍ୱର, ସୋରଣ, ମାନସିଂହପୁର ଶାନ୍ତିଶୃଙ୍ଖଳାର ସହିତ ମତଦାନ କରିଥିଲେ। ଭୁବନେଶ୍ୱର ଲୋକସଭା ଓ ଖୋର୍ଦ୍ଧା ବିଧାନସଭା ପାଇଁ କୁହୁଡି ପଞ୍ଚାୟତ ଓ ରତନପୁର ପଞ୍ଚାୟତରେ ଭୋଟଦାନ ସକାଳ ୭ଟାରେଆରମ୍ଭହୋଇଥିଲେହେଁକ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଥ ନଂ୨୪୪ ଓ ରତନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଥ ନଂ-୨୪୯ ରେଇଭିଏମରେ ତ୍ରୁଟି ଯୋଗୁଁ ନିର୍ଦ୍ଧାରିତ ସମୟରେ ଭୋଟଦାନ ଆରମ୍ଭ ହୋଇପାରି ନଥିଲା। ପରେ ସେକ୍ଟର ଅଧିକାରୀ ଆସି ସହଯୋଗ କରିବା ପରେ କୁହୁଡିରେ ୨ଘଣ୍ଟା ୧୬ ମି. ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ରତନପୁରରେ ୧ ଘଣ୍ଟା ୨୨ ମି.ବିଳମ୍ବରେ ଆରମ୍ଭ ହୋଇଥିଲା। ଅନିଚ୍ଛାକୃତ ବିଳମ୍ବ ଯୋଗୁଁ ଭୋଟ ଦେବାକୁ ଆସିଥିବା ବ୍ୟକ୍ତିମାନଙ୍କର ହୋ ହଲା ଯୋଗୁଁ ବୁଥ ଦୁଇଟିରେ ସାମୟିକ ଉତ୍ତେଜନା ଲାଗି ରହିଥିଲା। କେତେକ ବୁଥରେ ଖରା ଦାଉରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥାରେ ଅଭାବ ପରିଲକ୍ଷିତ ହେଉଥିବା ବେଳେ ଯଥେଷ୍ଟ ପିଇବା ପାଣିର ସୁବିଧା କରାଯାଇ ନଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିବା ଜଣାପଡ଼ିଛି ତା ସହିତ ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ନଥିଲା।

### ଚିଲିକା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ

## ଇଭିଏମ୍‌ରେ ୮ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍



ବାଲୁଗାଁ, ୨୫।୫ (ସମିସ) :

ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଛି। ଏଠାରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ୮ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଇଭିଏମ୍‌ରେ ସିଲ ହୋଇଥିବା ବେଳେ ଜୁନ ୪ତାରିଖରେ ଗଣତି ପରେ ଭାଗ୍ୟ ନିର୍ଦ୍ଧାରଣ ହେବ। ଅନ୍ୟପକ୍ଷରେ ବିଭିନ୍ନ ବୁଥ୍ ଗୁଡ଼ିକରେ ଇଭିଏମ୍ ଅଚଳ ଓ ତ୍ରୁଟି ଯୋଗୁଁ ମତଦାନ ବିଳମ୍ବ ହୋଇଥିବା ଜଣାଯାଇଛି। ବିଳମ୍ବିତ ରାତ୍ରି ଯାଏଁ ମତଦାନ ଜାରି ରହିଥିବା ବେଳେ ମୋଟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରିପୋର୍ଟ ଲେଖା ପର୍ଯ୍ୟନ୍ତ ହସ୍ତଗତ ହୋଇପାରିନଥିଲା।ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନ ଚିଲିକା ଓ ବାଣପୁର ବ୍ଲକ ଅଧିନ ମୋଟ ୨୪୬ଟି ବୁଥ୍‌ରେ ଶନିବାର ସକାଳ ସମୟରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆରମ୍ଭରୁ କେତେକ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ କେଉଁଠି ଅଧ ଘଣ୍ଟାଏ ତ ଆଉ କେଉଁଠି ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିଲା ମତଦାନ। ଏଥିପାଇଁ ଭୋଟରମାନେ ଦୀର୍ଘ ସମୟ ଧରି ଖରାରେ ଛିଡ଼ା ହେବା ପାଇଁ ବାଧ ହୋଇଥିଲେ। ଆଉ କେତେକ ବୁଥ୍‌ରେ ଲାଇଟ୍ ବ୍ୟବସ୍ଥା କରାଯାଇ ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ବିଜେଡ଼ି ପ୍ରାର୍ଥୀ ରଘୁନାଥ ସାହୁ ବାଲୁଗାଁ ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବା ବେଳେ ବିଜେପି ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଗମ୍ଭାରୀମୁଣ୍ଡା ନିକଟ ଗୋଡ଼ିଝର ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ କଂଗ୍ରେସ୍ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ଘାସଡ଼ିହ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ଅନ୍ୟ ବିଧାନସଭା ପ୍ରାର୍ଥୀମାନେ ମଧ୍ୟ ନିଜ ନିଜର ବୁଥ୍‌ରେ ମତଦାନ ସାବ୍ୟସ୍ତ କରିଛନ୍ତି।

ଜଟଣୀ ନିର୍ବାଚନ ମଣ୍ଡଳୀ

# ମତଦାନ କେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ








ଜଟଣୀ, ୨୫।୫(ସମିସ): ରାଜ୍ୟରେ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନଲାଗି ଭୁବନେଶ୍ୱର ଲୋକସଭା ଆସନ ଓ ଜଟଣୀ ନିର୍ବାଚନ ମଣ୍ଡଳୀର ବିଧାନସଭା ଆସନପାଇଁ ମୋଟ ୨୫୪ଟି ବୁଥରେ ମତଦାନ ହୋଇଥିଲା। ବିଭିନ୍ନ ସ୍ଥାନରେ ଇଭିଏମ୍ ତ୍ରୁଟିଯୋଗୁଁ ବହୁ ବିଳମ୍ବରେ ମତଦାନ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ କୁସୁମାଟି ଛଣଘର ବୁଥରେ ପାନୀୟଜଳ ଯୋଗାଣରେ ବିଳମ୍ବ ହୋଇଥିବା ଯୋଗୁଁ ମତଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୨୫୪ ଟି ବୁଥ ମଧ୍ୟରୁ ୧୩୫ଟି ବୁଥ ୱେବକାଷ୍ଟିଙ୍ଗ ନଜରରେ ରହିବ। ସେହିପରି ୩୫ଟି ବୁଥ ସମ୍ବେଦନଶୀଳ ଥିବା ବେଳେ ୨ଟି ଅସୁରକ୍ଷିତ ଘୋଷଣା କରାଯାଇଥିଲା। ମୁଣ୍ଡିଆସାହୀ ମତଦାନ କେନ୍ଦ୍ରରେ ଜଣେ ବ୍ୟକ୍ତି ମତଦାନ କରିବାକୁ ଆସିଥିବା ବେଳେ ସାମାନ୍ୟ ଘଟଣାକୁ ନେଇ ସେଠାରେ ହୋହାଲା ହୋଇଥିଲା। ସେହିପରି ତରାବୋଇ ବୁଥ ନଂ ୧୩୯ ଓ ୧୯୮ରେ ଇଭିଏମ୍‌ରେ ଗୁରୁତର ତ୍ରୁଟିଥିବା ଭୋଟରମାନେ ଅଭିଯୋଗ ଆଣିଥିଲେ।ଇଭିଏମ୍ ଟେଷ୍ଟିଂ ସମୟରେ କୌଣସି ନିର୍ବାଚନ ଚିହ୍ନରେ ବଟନ ଦବାଇଲେ କେବଳ ପଦ୍ମଫୁଲ ଚିହ୍ନକୁ ସୁଚିତ କରୁଥିବା ନେଇ ସେଠାରେ କିଛି ସମୟପାଇଁ ମତଦାନ ବନ୍ଦ ରହିଥିଲା। ଇଭିଏମ ତ୍ରୁଟିକୁ ନେଇ ଅଙ୍ଗାରପଡ଼ା ପଞ୍ଚାୟତ ବିନ୍ଧ୍ୟଗିରୀ ମତଦାନ କେନ୍ଦ୍ରରେ ସର୍ବାଧୀକ ଦେଢ ଘଣ୍ଟା ବିଳମ୍ବରେ ମତଦାନ କରାଯାଇଥିଲା। ଅଧିକାଂଶ ବୁଥରେ ଇଭିଏମ୍ ତ୍ରୁଟି ଯୋଗୁଁ ମତଦାନରେ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଥିଲା।

ଜଟଣୀ, ୨୫।୫(ସମିସ):



ଜଟଣୀ ନିର୍ବାଚନ ମଣ୍ଡଳୀରେ ବିଧାନସଭା ଓ ଭୁବନେଶ୍ୱର ଲୋକସଭା ପାଇଁ ପ୍ରାର୍ଥୀମାନେ ନିଜନିଜ ମତଦାନ କେନ୍ଦ୍ରରେ ମତଦାନ କରିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ବିଜେଡି ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଜନ୍ମିତ ଗ୍ରାମ ତଥା ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁସମାଟି ଛଣଘର ପଞ୍ଚାୟତରେ ମତଦାନ କରିଥିଲେ। ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୧୪୮ ନଂ ସଖୀ ବୁଥରେ ସେ ମତଦାନ କରିଥିଲେ। ସେହିପରି ଜଟଣୀ ବିଧାୟକ ତଥା ବିଜେଡି ପ୍ରଚାରକ ସୁରେଶ କୁମାର ରାଉତରାୟ ଏବଂ ତାଙ୍କ ଧର୍ମପତ୍ନୀ ମାଳତୀ ରାଉତରାୟ ଅନୁରୁପଭାବେ ଉକ୍ତ ଭୋଟକେନ୍ଦ୍ରରେ ମତଦାନ କରିଥିଲେ। ଜଟଣୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତିଭୂଷଣ ବଳବନ୍ତରାୟ ନିଜଗ୍ରାମ ବୋତଣ୍ଡା-ଓରକଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ନିଜର ବହୁମୂଲ୍ୟ ଭୋଟ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା।

